Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**09 Jun 2026 · 9:00 AM - 10:30 AM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **09 Jun 2026, 9:00 AM - 10:30 AM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)


### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

A, B ଓ C ମଧ୍ୟରେ ସେମାନଙ୍କ ବୟସ ଅନୁପାତରେ ₹12,000 କୁ ଭାଗ କରାଯାଏ । ଯଦି ସେମାନଙ୍କ ବୟସର ଅନୁପାତ 3 : 4 : 5 ହୁଏ, ତେବେ C ର ଭାଗ କେତେ?

A. ₹4,000

B. ₹4,500

C. ₹5,000 ✓

D. ₹5,500

**Q2** Quant

ଦୁଇଟି ପାଇପ A ଓ B ଗୋଟିଏ ଟାଙ୍କିକୁ ଯଥାକ୍ରମେ 20 ଘଣ୍ଟା ଏବଂ 14 ଘଣ୍ଟାରେ ପୂର୍ଣ୍ଣ କରିପାରିବେ । ଯଦି ଉଭୟ ପାଇପକୁ ଏକାସଙ୍ଗେ ଖୋଲାଯାଏ, ତେବେ ଟାଙ୍କିଟି କେତେ ସମୟରେ ପୂର୍ଣ୍ଣ ହେବ (ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍କିତ କରନ୍ତୁ)?

A. 8.47 ଘଣ୍ଟା

B. 8.24 ଘଣ୍ଟା ✓

C. 8.03 ଘଣ୍ଟା

D. 8.67 ଘଣ୍ଟା

**Q3** Quant

7 ଜଣ ବ୍ୟକ୍ତିଙ୍କ ହାରାହାରି ଓଜନ 60 kg ଅଟେ । ଜଣେ ବ୍ୟକ୍ତି ଚାଲିଯିବା ପରେ, ଅବଶିଷ୍ଟ 6 ଜଣଙ୍କ ହାରାହାରି ଓଜନ 58 kg ହୁଏ । ବାହାରିଯାଇଥିବା ବ୍ୟକ୍ତିଙ୍କ ଓଜନ କେତେ?

A. 64 kg

B. 68 kg

C. 72 kg ✓

D. 76 kg

**Q4** Quant

ଜଣେ ବ୍ୟକ୍ତି 9 ଘଣ୍ଟାରେ 180 kmକୁ ଆଂଶିକ ଭାବେ ସାଇକେଲରେ ଏବଂ ଆଂଶିକ ଭାବେ କାରରେ ଯାତ୍ରା କରନ୍ତି । ସାଇକେଲରେ ତାଙ୍କର ବେଗ 12 km/h ଏବଂ କାରରେ 30 km/h ଅଟେ । ସେ କାରରେ ଅତିକ୍ରମ କରିଥିବା ଦୂରତା ନିର୍ଣ୍ଣୟ କର ।

A. 100 km

B. 120 km ✓

C. 60 km

D. 90 km

**Q5** Quant

ଶ୍ରୀ, ତାପି ଓ ଉର୍ମି ମୋଟ ₹80,000 ନିବେଶ କରି ଏକ ବ୍ୟବସାୟ ଆରମ୍ଭ କରନ୍ତି, ଯେଉଁଠାରେ ତାପିର ନିବେଶ ଉର୍ମି ଅପେକ୍ଷା ₹3,500 ଅଧିକ ଏବଂ ଉର୍ମିର ନିବେଶ ଶ୍ରୀ ଅପେକ୍ଷା ₹7,500 ଅଧିକ ଅଟେ । 6 ମାସ ପରେ ଶ୍ରୀ ବ୍ୟବସାୟରୁ ₹9,000 ଉଠାଇ ନିଅନ୍ତି । ଯଦି ବର୍ଷ ଶେଷରେ ଲାଭରୁ ତାପି ₹9,450 ପାଏ, ତେବେ ଶ୍ରୀ କେତେ (₹ ରେ) ପାଇଛନ୍ତି ?

A. 4,800 ✓

B. 5,732

C. 6,150

D. 8,405

**Q6** Quant

ଦୁଇଟି ରେଳ ଷ୍ଟେସନ ମଧ୍ୟରେ ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀର ଭଡ଼ାର ଅନୁପାତ 5 : 1 ଅଟେ ଏବଂ ପ୍ରଥମ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ସହିତ ଦ୍ୱିତୀୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟାର ଅନୁପାତ 1 : 50 ଅଟେ । ଯଦି ଏକ ନିର୍ଦ୍ଦିଷ୍ଟ ଦିନରେ ମୋଟ ₹5500 ଭଡ଼ା ସଂଗୃହିତ ହୋଇଥାଏ, ତେବେ ଦ୍ୱିତୀୟ ଶ୍ରେଣୀର ଯାତ୍ରୀଙ୍କଠାରୁ ସଂଗୃହିତ ଅର୍ଥର ପରିମାଣ (ଟଙ୍କାରେ) କେତେ?

A. 5000 ✓

B. 4000

C. 3000

D. 4500

**Q7** Quant

ସଂଖ୍ୟା 3, x, 2 ଓ 4 ଚାରୋଟି ଶ୍ରେଣୀ ପରୀକ୍ଷାରେ ଜଣେ ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ସ୍କୋରକୁ ପ୍ରତିନିଧିତ୍ୱ କରେ । ଯଦି ଏହି ଚାରୋଟି ସ୍କୋରର ମାଧ୍ୟମାନ x ହୁଏ, ତେବେ ତଥ୍ୟର ଗରିଷ୍ଠକ କେତେ ହେବ?

A. 1

B. 2

C. 3 ✓

D. 4

**Q8** Quant

ଏକ ଜୋତା ନିର୍ମାଣ କାରଖାନା 24, 36 ଓ 96 ୟୁନିଟ ବିଶିଷ୍ଟ ବ୍ୟାଚରେ ଜୋତା ଉତ୍ପାଦନ କରିଥାଏ । କାରଖାନାକୁ ସର୍ବନିମ୍ନ କେତେ ୟୁନିଟ ଜୋତା ଉତ୍ପାଦନ କରିବାକୁ ପଡ଼ିବ, ଯେପରି ସେଗୁଡ଼ିକୁ ଏହି ବ୍ୟାଚଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ବ୍ୟାଚ ଆକାରରେ ଉତ୍ପାଦନ କରାଯାଇପାରିବ?

A. 286

B. 285

C. 288 ✓

D. 284

Blackbook Vocabulary — Now in the App! ▶ Download Now on Google Play

**Q9** Quant

ଜଣେ ବ୍ୟକ୍ତି ଏକ ବର୍ଗାକାର ରାସ୍ତାରେ ତାଙ୍କ ଗାଡ଼ି ଚଲାଇ ପୁଣି ଆରମ୍ଭ ବିନ୍ଦୁକୁ ଫେରି ଆସିଲେ । ବର୍ଗାକାର ରାସ୍ତାର ପାର୍ଶ୍ୱଗୁଡ଼ିକ ଦେଇ ତାଙ୍କର ବେଗ 15 km/hr, 24 km/hr, 30 km/hr ଓ 20 km/hr ଥିଲା । ତାଙ୍କର ହାରାହାରି ବେଗ କେତେ ଥିଲା? (ଦୁଇ ଦଶମିକ ସ୍ଥାନରେ ପ୍ରକାଶ କର)

- A. 17.25 km/hr
- B. 19.10 km/hr
- C. 20.87 km/hr ✓
- D. 22.48 km/hr

**Q10** Quant

ରାଧିକା ₹3,20,000 ରେ ଏକ ସୁନା ହାର କ୍ରୟ କଲେ । କିଛି ସମୟ ପରେ ସେ ଏହାକୁ ଜଣେ ଗହଣା ବେପାରୀଙ୍କୁ 12% କ୍ଷତିରେ ବିକ୍ରି କଲେ । ଯଦି ସେହି ଗହଣା ବେପାରୀ ହାରଟିକୁ ଭୂମିଙ୍କୁ 32% ଲାଭରେ ବିକ୍ରି କରନ୍ତି, ତେବେ ଭୂମିଙ୍କ ପାଇଁ ହାରଟିର କ୍ରୟ ମୂଲ୍ୟ ନିର୍ଣ୍ଣୟ କର ।

- A. ₹ 3,71,912
- B. ₹ 3,11,712
- C. ₹ 3,71,712 ✓
- D. ₹ 3,61,712

**Q11** Quant

ପ୍ରଥମ ବର୍ଷରେ ଏକ ଷ୍ଟକର ମୂଲ୍ୟ 10% ହ୍ରାସ ପାଏ, ଦ୍ୱିତୀୟ ବର୍ଷରେ 20% ବୃଦ୍ଧି ପାଏ ଏବଂ ତୃତୀୟ ବର୍ଷରେ 25% ବୃଦ୍ଧି ପାଏ । 3 ବର୍ଷର ପ୍ରତିଶତ ପରିବର୍ତ୍ତନ ନିର୍ଣ୍ଣୟ କର?

- A. 25% ବୃଦ୍ଧି
- B. 25% ହ୍ରାସ
- C. 35% ବୃଦ୍ଧି ✓
- D. 35% ହ୍ରାସ

**Q12** Quant

ପ୍ରଦତ୍ତ ଅଛି ଯେ, $27^{0.48} = x$, $27^{0.86} = y$ ଏବଂ $x^z = y^{10}$ ଅଟେ, ତେବେ z ର ମୂଲ୍ୟ ପାଖାପାଖି ________ ହେବ ।

- A. 17.92 ✓
- B. 17.02
- C. 20.86
- D. 18.65

**Q13** Quant

ଯଦି 2 ବର୍ଷର ସରଳ ସୁଧ ₹80 ଅଟେ ଏବଂ ସମାନ ଅବଧି ପାଇଁ ସମାନ ସୁଧ ହାରରେ ଚକ୍ରବୃଦ୍ଧି ସୁଧ ₹81 ଅଟେ, ତେବେ ମୂଳଧନ (₹ ରେ) କେତେ?

- A. 1,600 ✓
- B. 1,800
- C. 1,848
- D. 1,648

**Q14** Quant

ମନେକର O କେନ୍ଦ୍ରବିଶିଷ୍ଟ C ଏକ ବୃତ୍ତ ଏବଂ P ଏହାର ଏକ ବହିଃସ୍ଥ ବିନ୍ଦୁ । ମନେକର PR ଏବଂ PS ହେଉଛି C ବୃତ୍ତ ପ୍ରତି ଦୁଇଟି ସ୍ପର୍ଶକ, ଯେଉଁଠାରେ R ଏବଂ S ଯଥାକ୍ରମେ ବୃତ୍ତ ଉପରିସ୍ଥ ଦୁଇଟି ସ୍ପର୍ଶ ବିନ୍ଦୁ । ଯଦି ∠RPS = 30° ହୁଏ, ତେବେ ∠ROS ର ମାନ ନିର୍ଣ୍ଣୟ କର ।

- A. 75 °
- B. 150 ° ✓
- C. 120 °
- D. 100 °

**Q15** Quant

ଏକ ଆୟତକ୍ଷେତ୍ରର ବାହୁଗୁଡ଼ିକର ଅନୁପାତ 2 : 5 ଅଟେ । ଏହାକୁ ସର୍ବନିମ୍ନ ସଂଖ୍ୟକ ସର୍ବସମ ବର୍ଗକ୍ଷେତ୍ରରେ କଟାଗଲା । ସମସ୍ତ ବର୍ଗକ୍ଷେତ୍ରର ପରିସୀମାର ସମଷ୍ଟି ଏବଂ ଆୟତକ୍ଷେତ୍ରର ପରିସୀମାର ଅନୁପାତ କେତେ?

- A. 10 : 7
- B. 7 : 10
- C. 7 : 20
- D. 20 : 7 ✓

**Q16** Quant

ଜଣେ ଡିଲର ଓଭେନ ପିଛା ₹99000 ରେ ଦୁଇଟି ଓଭେନ ବିକ୍ରି କରନ୍ତି । ଗୋଟିଏ ଉପରେ ସେ 65% ଲାଭ ଅର୍ଜନ କରନ୍ତି ଏବଂ ଅନ୍ୟଟି ଉପରେ ସେ 40% କ୍ଷତି ସହନ୍ତି । ସମଗ୍ର କାରବାରରେ ତାଙ୍କର କ୍ଷତି ପ୍ରତିଶତ କେତେ?

- A. 12% ✓
- B. 10%
- C. 13%
- D. 14%

**Q17** Quant

ପାଇପ A ଏକ ଟାଙ୍କିକୁ 12 ଘଣ୍ଟାରେ ପୂର୍ଣ୍ଣ କରିପାରେ, ପାଇପ B ଏହାକୁ 32 ଘଣ୍ଟାରେ ପୂର୍ଣ୍ଣ କରିପାରେ ଏବଂ ପାଇପ C ଏହାକୁ 96 ଘଣ୍ଟାରେ ପୂର୍ଣ୍ଣ କରିପାରେ । ଯଦି ତିନୋଟି ପାଇପ ଏକାଠି ଖୋଲାଯାଏ, ତେବେ ଟାଙ୍କିର ଏକ ଚତୁର୍ଥାଂଶ ପୂର୍ଣ୍ଣ କରିବାକୁ ସେମାନଙ୍କୁ କେତେ ଘଣ୍ଟା ଲାଗିବ?

- A. 2 ✓
- B. 3
- C. 4
- D. 5

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q18** Quant

ଯଦି $\frac{(28)^2 - 529}{25 \times 40 - 745} = 2K - 1$ ହୁଏ, ତେବେ K ର ମୂଲ୍ୟ କେତେ?

- **A.** 0
- **B.** 1 ✓
- **C.** −1
- **D.** 2

**Q19** Quant

PQ ହେଉଛି ଏକ ବୃତ୍ତ ପ୍ରତି ସ୍ପର୍ଶକ ଯାହାର ଦୈର୍ଘ୍ୟ 16 cm ଅଟେ । PS ହେଉଛି ବୃତ୍ତର ଏକ ଛେଦକ, ଯାହା ବୃତ୍ତକୁ R ଏବଂ S ବିନ୍ଦୁରେ ଛେଦ କରେ । ଛେଦକର ବାହ୍ୟ ରେଖାଖଣ୍ଡ PR ର ଦୈର୍ଘ୍ୟ 12 cm ଅଟେ । ଛେଦକ PSର ଦୈର୍ଘ୍ୟ (cm ରେ) କେତେ?

- **A.** $21\frac{1}{3}$ ✓
- **B.** $18\frac{1}{3}$
- **C.** $24\frac{1}{3}$
- **D.** $20\frac{1}{3}$

**Q20** Quant

15 ର $\frac{4}{5}$ ଠାରୁ 50 ର 65% କେତେ ଅଧିକ?

- **A.** 20.5 ✓
- **B.** 17.5
- **C.** 14.5
- **D.** 18.5

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

## GA

**Q21** GA

ଓଡ଼ିଶା ଅର୍ଥନୀତି ସର୍ଭେ (Economic Survey) 2024-25 ଅନୁଯାୟୀ, ଓଡ଼ିଶାରେ କୃଷି ଏବଂ ଏହା ସହ ଜଡ଼ିତ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ହାର କେତେ ଥିଲା?

- **A.** 2.8 %
- **B.** 3.0 %
- **C.** 3.3 % ✓
- **D.** 3.5 %

**Q22** GA

2025 ଅପ୍ରେଲ ମାସରେ ଓଡ଼ିଶାର ନିମ୍ନଲିଖିତ ସଂରକ୍ଷିତ ଅଞ୍ଚଳ ମଧ୍ୟରୁ କେଉଁଟିକୁ ଦେଶର 107 ତମ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଥିଲା?

- **A.** ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ✓
- **B.** ଗହୀରମଥା ସାମୁଦ୍ରିକ କଇଁଛ ଅଭୟାରଣ୍ୟ
- **C.** ଚୁରେକେଲା ବନ୍ୟପ୍ରାଣୀ ଅଭୟାରଣ୍ୟ
- **D.** କୁଆଁରିଆ ହରିଣ ପାର୍କ ଏବଂ କୁଟୁରୀ ପାର୍କ

**Q23** GA

1840 -50 ଦଶକରେ କନ୍ଧ ମେରିଆ (Kondh Meriah) (ନରବଳି) ପ୍ରଥାର ବ୍ରିଟିଶ ଦମନ ମୁଖ୍ୟତଃ ନିମ୍ନଲିଖିତ କାହା ସହ ଜଡ଼ିତ?

- **A.** ଥୋମାସ ମୁନରୋ (Thomas Munro)
- **B.** ୱିଲିୟମ ସ୍ଲିମ୍ୟାନ (William Sleeman)
- **C.** ଏସ. ସି. ମ୍ୟାକଫରସନ (S. C. Macpherson) ✓
- **D.** ଆଲାନ ଅକ୍ଟାଭିଆନ ହ୍ୟୁମ (Allan Octavian Hume)

**Q24** GA

ଏକ ଦ୍ରବଣର pH ମୂଲ୍ୟ 3 ଅଟେ । ଏହାର ଅର୍ଥ ଦ୍ରବଣଟି ________ ଅଟେ ।

- **A.** ସବଳ କ୍ଷାର
- **B.** ଦୁର୍ବଳ କ୍ଷାର
- **C.** ସବଳ ଅମ୍ଳ ✓
- **D.** ପ୍ରଶମିତ

**Q25** GA

2025 ମସିହା ଜୁଲାଇ ମାସରେ ଓଡ଼ିଶାରେ କେଉଁ ବ୍ୟକ୍ତିଙ୍କୁ 'କଳିଙ୍ଗ ରତ୍ନ ପୁରସ୍କାର - 2024' ପ୍ରଦାନ କରାଯାଇଥିଲା?

- **A.** ନବୀନ ପଟ୍ଟନାୟକ
- **B.** ଧର୍ମେନ୍ଦ୍ର ପ୍ରଧାନ ✓
- **C.** ମୋହନ ଚରଣ ମାଝୀ
- **D.** ସୁରେଶ ପୂଜାରୀ

**Q26** GA

ନିମ୍ନଲିଖିତ ମଧ୍ୟରୁ କେଉଁ ମହାଦେଶଗୁଡିକ ଜିବ୍ରାଲଟର ପ୍ରଣାଳୀ ଦ୍ୱାରା ପୃଥକ ହୋଇଛି ?

- **A.** ୟୁରୋପ ଏବଂ ଏସିଆ
- **B.** ୟୁରୋପ ଏବଂ ଆଫ୍ରିକା ✓
- **C.** ଆଫ୍ରିକା ଏବଂ ଅଷ୍ଟ୍ରେଲିଆ
- **D.** ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକା

**Q27** GA

ଜାତୀୟ ଭୂ-ତାପଜ ଶକ୍ତି ନୀତି (2025) ଭାରତର କେଉଁ ଦୀର୍ଘକାଳୀନ ପରିବେଶଗତ ଲକ୍ଷ୍ୟ ସହିତ ସମନ୍ୱିତ ଅଟେ?

- **A.** ନ୍ୟାସନାଲ ହାଇଡ୍ରୋଜେନ ମିଶନ
- **B.** 2070 ନେଟ ଜିରୋ ଗୋଲ ✓
- **C.** ନ୍ୟାସନାଲ ବାୟୋଫୁଏଲ ପଲିସି
- **D.** ଗ୍ରୀନ ହାଇଡ୍ରୋଜେନ ପଲିସି

**Q28** GA

ନିମ୍ନଲିଖିତ ଦେଶଗୁଡ଼ିକ ମଧ୍ୟରୁ କେଉଁଟି "ଏକତା, ସମାନତା, ସ୍ଥିରତା" ବିଷୟବସ୍ତୁ ଅଧୀନରେ 2025 ଜି-20 ନେତାମାନଙ୍କ ଶିଖର ସମ୍ମିଳନୀ ଆୟୋଜନ କରିଥିଲା?

- **A.** ଭାରତ
- **B.** ଦକ୍ଷିଣ ଆଫ୍ରିକା ✓
- **C.** ଫ୍ରାନ୍ସ
- **D.** ନେଦରଲାଣ୍ଡ

**Q29** GA

ବିକଶିତ ଭାରତ – ଜି ରାମ ଜି ଆଇନ, 2025 (VB-GRAMG) ଦ୍ୱାରା କେଉଁ ଆଇନଟିକୁ ପ୍ରତିସ୍ଥାପିତ କରାଯାଇଥିଲା?

- **A.** ସଞ୍ଜୟ ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ
- **B.** ରାଜୀବ ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ
- **C.** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ ✓
- **D.** ଇନ୍ଦିରା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ

**Q30** GA

ଭାରତର ଏକ ରାଜ୍ୟରେ ହିମାଳୟ ପର୍ବତମାଳା, ଉର୍ବର ସମତଳ ଭୂମି ଏବଂ ତରାଇ ଅଞ୍ଚଳର ମିଶ୍ରଣ ରହିଛି । ନିମ୍ନଲିଖିତ କେଉଁ ରାଜ୍ୟ ଏହି ବର୍ଣ୍ଣନା ପାଇଁ ଉପଯୁକ୍ତ ଅଟେ?

- **A.** ରାଜସ୍ଥାନ
- **B.** ଉତ୍ତରାଖଣ୍ଡ ✓
- **C.** ଗୁଜୁରାଟ
- **D.** ଉତ୍ତରପ୍ରଦେଶ

Blackbook Vocabulary — Now in the App! ▸ Download Now on Google Play

**Q31** GA

ମହାରାଷ୍ଟ୍ରର କେଉଁ ଅଗ୍ରଣୀ ଭକ୍ତି ସନ୍ଥ ଭଗବଦ ଗୀତାର ପ୍ରସିଦ୍ଧ ତଥା ବିସ୍ତୃତ ଟୀକା 'ଜ୍ଞାନେଶ୍ୱରୀ' ରଚନା କରିଥିଲେ?

A. ତୁଳସୀଦାସ

B. ଜୟଦେବ

C. ଚୈତନ୍ୟ

D. ଜ୍ଞାନେଶ୍ୱର ✓

**Q32** GA

ନିମ୍ନଲିଖିତ ଶାସ୍ତ୍ରୀୟ ନୃତ୍ୟ ଶୈଳୀଗୁଡ଼ିକ ମଧ୍ୟରୁ କେଉଁଟି ଏହାର ସ୍ୱତନ୍ତ୍ର ମୁଦ୍ରା କିମ୍ବା ବୈଶିଷ୍ଟ୍ୟ ସହିତ ସଠିକ ଭାବରେ ମେଳ ହେଉଛି?

A. କଥକ – ଅତିମଣ୍ଡଳ

B. ଓଡିଶୀ – ତ୍ରିଭଙ୍ଗ ✓

C. ଭାରତନାଟ୍ୟମ – ଚୌକା

D. କଥକଲୀ – ଅରମଣ୍ଡି

**Q33** GA

କ୍ଲୋରୋପ୍ଲାଷ୍ଟରେ ଥିବା ଥାଇଲାକଏଡ ମେମ୍ବ୍ରେନର କାର୍ଯ୍ୟ କ'ଣ ଅଟେ?

A. ଆଲୋକ ପ୍ରତିକ୍ରିୟାର ସ୍ଥାନ ✓

B. ଷ୍ଟାର୍ଚ ଷ୍ଟୋରେଜ

C. ଗ୍ଲୁକୋଜ ସଂଶ୍ଳେଷଣ

D. ପ୍ରୋଟିନ୍ ଉତ୍ପାଦନ

**Q34** GA

ଭାରତରେ ରାଷ୍ଟ୍ର ନିର୍ଦ୍ଦେଶକ ନୀତି (DPSP) ମୁଖ୍ୟତଃ କେଉଁ ଦିଗ ଉପରେ ଲକ୍ଷ୍ୟ ରଖିଥାଏ?

A. ନ୍ୟାୟିକ ସମୀକ୍ଷା

B. ରାଜନୈତିକ ଗଣତନ୍ତ୍ର

C. ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ✓

D. ସାମରିକ ଶକ୍ତି

**Q35** GA

ବର୍ଷ ବା ଋତୁର ଏକ ନିର୍ଦ୍ଦିଷ୍ଟ ସମୟରେ ଘଟୁଥିବା ବେକାରୀର ପ୍ରକାରକୁ କ'ଣ କୁହାଯାଏ?

A. ଚକ୍ରିୟ ବେକାରୀ

B. ଋତୁକାଳୀନ ବେକାରୀ ✓

C. ଘର୍ଷଣଜନିତ ବେକାରୀ (Frictional Unemployment)

D. ପ୍ରଚ୍ଛନ୍ନ ବେକାରୀ (Disguised Unemployment)

**Q36** GA

ଜଣେ ବିଦ୍ୟାର୍ଥୀ ପ୍ରତ୍ୟେକ 2 ଓମ ବିଶିଷ୍ଟ ପାଞ୍ଚଟି ପ୍ରତିରୋଧକକୁ ପଂକ୍ତି ସଂଯୋଗ କରନ୍ତି । ଯଦି ବ୍ୟାଟେରୀଟି 10V ପ୍ରଦାନ କରେ, ତେବେ ପରିପଥରେ ପ୍ରବାହିତ ବିଦ୍ୟୁତ ସ୍ରୋତର ପରିମାଣ ଆମ୍ପିୟର (A) ରେ କେତେ ହେବ?

A. 5 A

B. 2 A

C. 0.5 A

D. 1 A ✓

**Q37** GA

ନିମ୍ନଲିଖିତ ରାଜ୍ୟମାନଙ୍କ ମଧ୍ୟରୁ କେଉଁ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ପଶ୍ଚିମ ଘାଟ ଏବଂ ଜଳମଗ୍ନ ଅପ୍ରବାହି ଜଳର ଏକ ବିସ୍ତୃତ ସମାବେଶ ଦେଖିବାକୁ ମିଳେ?

A. ତେଲେଙ୍ଗାନା

B. କେରଳ ✓

C. ଓଡିଶା

D. ଆନ୍ଧ୍ରପ୍ରଦେଶ

**Q38** GA

ନିମ୍ନଲିଖିତ ମଧ୍ୟରୁ କେଉଁଟି କ୍ୟୋଟୋ ପ୍ରୋଟୋକଲ (Kyoto Protocol)ର ମୁଖ୍ୟ ଉଦ୍ଦେଶ୍ୟକୁ ସର୍ବୋତ୍ତମ ଭାବରେ ବର୍ଣ୍ଣନା କରେ?

A. ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ପ୍ରଜାତିର ସୁରକ୍ଷା

B. ଔଦ୍ୟୋଗିକ ଦେଶ ଏବଂ ଅର୍ଥନୈତିକ ପରିବର୍ତ୍ତନର ପ୍ରକ୍ରିୟାରେ ଥିବା ଦେଶମାନଙ୍କୁ ଗ୍ରୀନହାଉସ ଗ୍ୟାସ ନିର୍ଗମନକୁ ସୀମିତ ଓ ହ୍ରାସ କରିବା ପାଇଁ ପ୍ରତିବଦ୍ଧ କରିବା ✓

C. ଆନ୍ତର୍ଜାତୀୟ ବାଣିଜ୍ୟରେ ବିପଜ୍ଜନକ ବର୍ଜ୍ୟବସ୍ତୁର ନିୟନ୍ତ୍ରଣ ଏବଂ ମଣ୍ଟ୍ରିଲ ପ୍ରୋଟୋକଲର କାର୍ଯ୍ୟକାରିତା

D. ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଜୈବ ବିବିଧତାର ସଂରକ୍ଷଣ

**Q39** GA

ସାନ୍ତାଳ ବିଦ୍ରୋହ (1855-56) ମୁଖ୍ୟତଃ କେଉଁ କାରଣରୁ ହୋଇଥିଲା?

A. ବ୍ରିଟିଶ ନୀତି ଏବଂ ସାନ୍ତାଳ ଆଦିବାସୀମାନଙ୍କର ଶୋଷଣ ✓

B. ପଡ଼ୋଶୀ ଆଦିବାସୀ ସମ୍ପ୍ରଦାୟଙ୍କ ସହ ଧାର୍ମିକ ସଂଘର୍ଷ

C. ଏକ ପୃଥକ ଆଦିବାସୀ ରାଜ୍ୟ ଦାବି

D. ଆଦିବାସୀ ଅଞ୍ଚଳରେ ଇଂରାଜୀ ଶିକ୍ଷାର ପ୍ରବର୍ତ୍ତନ

**Q40** GA

2025 ମସିହା ଏପ୍ରିଲ ମାସରେ କେଉଁ ଭାରତୀୟ ରାଜ୍ୟରେ 28 ତମ ଜାତୀୟ ଫେଡେରେସନ ସିନିଅର ଆଥଲେଟିକ୍ସ ପ୍ରତିଯୋଗିତା (National Federation Senior Athletics Competition) ଅନୁଷ୍ଠିତ ହୋଇଥିଲା?

A. ତାମିଲନାଡୁ

B. କେରଳ ✓

C. କର୍ଣ୍ଣାଟକ

D. ମହାରାଷ୍ଟ୍ର

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q41** English

Select the option that can be used as a one-word substitute for the given group of words.

Imminence of danger

A. Jeopardy ✓

B. Certainity

C. Assurance

D. Security

**Q42** English

Select the most appropriate option to fill in the blank.

He _____ admitted his mistake, knowing that denying it would only worsen the situation.

A. boldly

B. reluctantly ✓

C. rarely

D. truthfully

**Q43** English

Select the most appropriate ANTONYM of the highlighted word in the given sentence.

Instead of **admonishing** the student for his mistake, the teacher appreciated his honesty.

A. Commending ✓

B. Reprimanding

C. Rebuking

D. Scorning

**Q44** English

Select the option that can be used as a one-word substitute for the given group of words.

A person who writes a book or an article under someone else's name

A. Ghostwriter ✓

B. Plagiarist

C. Biographer

D. Copywriter

Blackbook Vocabulary — Now in the App! ► Download Now on Google Play

**Q45** English

Select the most appropriate option to fill in the blank.

She _____ danced across the stage, captivating the audience.

A. safely

B. cautiously

C. hastily

D. gracefully ✓

**Q46** English

Read the sentence carefully and choose the correct present tense verb form that fits the context to complete the sentence.
Lava ________ from the crater whenever pressure builds beneath the earth's crust.

A. flews

B. flows ✓

C. flow

D. will flow

**Q47** English

Select the option that correctly substitutes the underlined segment so that the sentence remains meaningful.

He was hoping to win the contract, but his competitor unexpectedly <u>stole credit</u> by announcing a better deal first.

A. pulled his leg

B. stole his thunder ✓

C. threw in the towel

D. hit the nail on the head

**Q48** English

Choose the option that best replaces the highlighted words in the sentence given below.
Before you sign up for that expensive college just because your friends are going, you should really **consider the possible risks and consequences**.

A. burn your bridges

B. look before you leap ✓

C. strike while the iron is hot

D. make hay while the sun shines

**Q49** English

Identify the antonym of the word (hostile) in the following passage from the given options
The dog appeared hostile and aggressive toward strangers. In contrast, the puppy was friendly, calm, and gentle, approaching everyone without fear. Children enjoyed petting the animal. Its behaviour sometimes seemed inscrutable, leaving observers puzzled about its true nature.

A. Inscrutable

B. Friendly ✓

C. Gentle

D. Aggressive

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q50** English

Choose the incorrect active voice sentence.

- **A.** The firefighter rescued the trapped child from the building.
- **B.** The trapped child was rescued by the firefighter. ✓
- **C.** The firefighter was rescuing the trapped child from the building.
- **D.** The firefighter has rescued the trapped child safely.

**Q51** English

Select the most appropriate option to complete the given sentence in indirect voice: She said, "I am learning French."
She said that she ______ learning French.

- **A.** was ✓
- **B.** is
- **C.** are
- **D.** had

**Q52** English

Parts of a sentence are given below. Arrange the parts in the correct order to form a meaningful and coherent sentence.

(A) we begin acting now
(B) the effects of climate change will
(C) be irreversible in
(D) just a few decades unless

- **A.** CDAB
- **B.** BCDA ✓
- **C.** DBAC
- **D.** ACBD

**Q53** English

> Read the passage carefully and answer the following questions.
> We should remember that a contented mind and healthy living can help to keep us free from many diseases. In some ways, it is easier for the people in developing nations to achieve positive health, because they have more close-knit social systems, with better communication between people, than do many people in wealthy and developed nations. With very little by way of resources or sophisticated medical facilities we can achieve positive health for the majority of individuals in our communities. This does not mean that we do not need medical care. We definitely need proper medical care under certain circumstances. We need proper vaccination and immunisation against infectious diseases, proper treatment of diseases by medical and surgical intervention required proper maternal care before and after child birth, and regular medical checks after the age of forty years.

According to the passage, why it is easier for the people in developing nations to achieve positive health?

- **A.** due to better interpersonal relations ✓
- **B.** due to advanced therapeutic apparatus
- **C.** due to qualified medical staff
- **D.** due to better medical facilities

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

**Q54** English

Select the most appropriate antonym of
Definitely

A. Carefully

B. Doubtfully ✓

C. Skillfully

D. Gracefully

**Q55** English

Select the most appropriate title for the passage.

A. Struggles and Gaps in Rural Healthcare

B. Limited Resources, Growing Needs

C. Medical Facilities: Emerging Economics

D. Between Need and Access: Healthcare in Developing Nations ✓

**Q56** English

Select the most appropriate tone of the passage.

A. Joyful

B. Blunt

C. Factual ✓

D. Contended

**Q57** English

Which of the following statements is not true in the context of the passage?

A. People need vaccination and immunization after age of sixty. ✓

B. Healthy living and gratified mind can keep us disease free.

C. Close-knit social systems are not common in developed nations.

D. A proper maternal care is necessary for a mother before & after child birth.

**Q58** English

Arrange the following segments to form a coherent and meaningful statement.

the company officially released its new product (A) / after completing all safety checks (B) / which attracted many potential customers (C) / during the grand launch event (D) /

A. C – A – B – D

B. A – B – C – D ✓

C. B – D – A – C

D. D – C – B – A

Blackbook Vocabulary — Now in the App! ▶ Download Now on Google Play

**Q59** English

Select the most appropriate article to fill in the blank. If no article is needed, select 'No article required'.

I spoke to ___ manager you recommended, and she offered me the job.

- **A.** a
- **B.** the ✓
- **C.** an
- **D.** no article needed

**Q60** English

Select the misspelt word from the underlined words in the given sentence.

Several **dissidents** were jailed for **leading** protests that the **government** branded as **seditiaous**.

- **A.** Dissidents
- **B.** Leading
- **C.** Government
- **D.** Seditiaous ✓

## Odia

**Q61** Odia

ସେମାନେ ଆମକୁ ______ଦେଖା କରନ୍ତି ।

- **A.** ପ୍ରତ୍ୟେକ
- **B.** ଏବେ
- **C.** ନିୟମିତ ✓
- **D.** ନିୟମରେ

**Q62** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ପାର୍କ ରେ ସବୁଦିନ ଯୋଗ କ୍ଲାସ କରାଯାଏ ।

- **A.** Yoga classes are going on in our park.
- **B.** Yoga classes were held in our park.
- **C.** Yoga classes are held in our park every day. ✓
- **D.** Yoga classes will be held in our park every day.

**Q63** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଗାଜିଆବାଦ ରେ ଏକ ନୂଆଁ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଛି ।

- **A.** The foundation stone for a new hospital had been laid in Ghaziabad.
- **B.** The foundation stone for a new hospital has been laid.
- **C.** Foundation stone for a new hospital has been laid in Ghaziabad. ✓
- **D.** The foundation stone was laid for a new hospital.

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q64** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଭୋଟର ତାଲିକାରେ ନାମ ନଥିବାରୁ ମୁଁ ଗତବର୍ଷ ଭୋଟ ଦେଇପାରିଲିନି ।

**A.** I could not vote because my name was not in the voter list.

**B.** I could not vote last year because my name was not in the list.

**C.** I could not vote last year because my name was not in the voter list. ✓

**D.** I did not vote because my name was not in the voter list.

**Q65** Odia

ପୁଅଟି ଅବିକଳ ତା ବାପ ପରି। ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

**A.** ବାପ

**B.** ପରି

**C.** ପୁଅଟି

**D.** ଅବିକଳ ✓

**Q66** Odia

'ଲକ୍ଷ୍ୟ ରଖିବା' – ଏହାର ଠିକ୍ ରୁଢ଼ି କେଉଁଟି ?

**A.** ଆଖି ଦେଖେଇବା

**B.** ଆଖି ପକାଇବା

**C.** ଆଖି ରଖିବା ✓

**D.** ଆଖିରେ ନାଚିବା

**Q67** Odia

"ତେଲିଆ ମୁଣ୍ଡରେ ତେଲ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

**A.** ଦରିଦ୍ରଙ୍କୁ ସାହାଯ୍ୟ କରିବା

**B.** ସମସ୍ତଙ୍କୁ ସମାନ ଭାବେ ସାହାଯ୍ୟ କରିବା

**C.** ଦରିଦ୍ରକୁ ସାହାଯ୍ୟ ନକରି ସ୍ୱଚ୍ଛଳ ବ୍ୟକ୍ତିକୁ ସାହାଯ୍ୟ କରିବା ✓

**D.** ନିଜ ପାଇଁ କାମ କରିବା

**Q68** Odia

ଶୁଦ୍ଧ ବାକ୍ୟଟି ଚୟନ କର ।

**A.** ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନପ୍ରଶନ କଲେ ।

**B.** ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନଃପ୍ରାଶନ କଲେ ।

**C.** ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନ୍ନପ୍ରାଶନ କଲେ । ✓

**D.** ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନ୍ନଃପ୍ରାସନ କଲେ ।

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q69** Odia

ନିମ୍ନଲିଖିତ ବିକଳ୍ପ ମଧ୍ୟରୁ ଶୁଦ୍ଧ ବାକ୍ୟଟି ବାଛି ଲେଖ ।

A. ବାପା କନ୍ୟାର ସେବା ସୃଶୁଷା ରେ ଆରୋଗ୍ୟ ହେଲେ ।

B. ବାପା କନ୍ୟାର ସେବା ସୁଶୃଷା ରେ ଆରୋଗ୍ୟ ହେଲେ ।

C. ବାପା କନ୍ୟାର ସେବା ଶୃଶୁଷା ରେ ଆରୋଗ୍ୟ ହେଲେ ।

D. ବାପା କନ୍ୟାର ସେବା ଶୁଶ୍ରୂଷା ରେ ଆରୋଗ୍ୟ ହେଲେ । ✓

**Q70** Odia

ପବନ ଅତି ଧୀରେ ବହୁଅଛି । ଉକ୍ତ ବାକ୍ୟରେ ଥିବା କ୍ରିୟା ବିଶେଷଣ ପଦଟି ବାଛ ।

A. ପବନ

B. ଅତି

C. ଧୀରେ ✓

D. ବହୁଅଛି

**Q71** Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଉତ୍ତର ନିର୍ଦ୍ଧାରଣ କରନ୍ତୁ।
>
> ମାନବ ଜୀବନରେ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବଜାୟ ରଖିବା ପାଇଁ ଶାରୀରିକ ବ୍ୟାୟାମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ। ନିୟମିତ ଭାବେ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା ଦ୍ୱାରା ଶରୀରର ମାଂସପେଶୀଗୁଡ଼ିକ ସୁଦୃଢ଼ ଓ ମଜବୁତ ହେବା ସହିତ ହୃଦୟ ଜନୀତ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥାଏ। ଏହା ଶରୀରର ଆଭ୍ୟନ୍ତରୀଣ ରୋଗ ପ୍ରତିରୋଧକ ଶକ୍ତିକୁ ବହୁଗୁଣିତ କରି ବିଭିନ୍ନ ପ୍ରକାରର ସଂକ୍ରମଣ ଓ ବ୍ୟାଧିରୁ ଆମକୁ ରକ୍ଷା କରିଥାଏ। ବ୍ୟାୟାମ କେବଳ ଶାରୀରିକ ଗଠନରେ ସାହାଯ୍ୟ କରେ ନାହିଁ, ବରଂ ଏହା ମାନସିକ ଚାପ ଓ ଅସ୍ଥିରତାକୁ ହ୍ରାସ କରି ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ସମୃଦ୍ଧ କରିଥାଏ। ଏହା ଦ୍ୱାରା ମସ୍ତିଷ୍କର ଏକାଗ୍ରତା ବୃଦ୍ଧି ପାଏ, ଯାହା ଫଳରେ ଯେକୌଣସି କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ ଏବଂ ଏହା ଶରୀରକୁ ଗଭୀର ତଥା ଉତ୍ତମ ନିଦ୍ରା ପାଇଁ ପ୍ରୋତ୍ସାହିତ କରିଥାଏ। ବିଶେଷ କରି ଛାତ୍ରମାନଙ୍କ ପାଇଁ ଶାରୀରିକ ପରିଶ୍ରମ ଏକାନ୍ତ ଆବଶ୍ୟକ। ସେମାନେ ନିଜର ଦୈନନ୍ଦିନ ରୁଟିନ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳକୁଦ, ଯୋଗାସନ, ପ୍ରାତଃ ଭ୍ରମଣ କିମ୍ବା ସାଇକେଲ ଚାଳନା ଭଳି ସରଳ କିନ୍ତୁ ପ୍ରଭାବଶାଳୀ ବାହ୍ୟ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିପାରିବେ। ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମକୁ ଏକ ନିୟମିତ ଅଭ୍ୟାସ ଭାବେ ସାମିଲ କରିବା ଦ୍ୱାରା କେବଳ ଶାରୀରିକ ସୁସ୍ଥତା ବା 'ଫିଟନେସ୍' ଉନ୍ନତ ହୁଏ ନାହିଁ, ବରଂ ଏହା ବ୍ୟକ୍ତିର ଚରିତ୍ରରେ ଶୃଙ୍ଖଳା ଜ୍ଞାନ, ମାନସିକ ଦୃଢ଼ତା ଏବଂ ଆତ୍ମବିଶ୍ୱାସ ମଧ୍ୟ ସୃଷ୍ଟି କରିଥାଏ। ସଂକ୍ଷେପରେ କହିବାକୁ ଗଲେ, ଏକ ସକ୍ରିୟ ଜୀବନଶୈଳୀ ହିଁ ଦୀର୍ଘାୟୁ ଏବଂ ସୁଖମୟ ଜୀବନର ପ୍ରକୃତ ଚାବିକାଠି।

ଶାରୀରିକ ବ୍ୟାୟାମ କାହିଁକି ଗୁରୁତ୍ୱପୂର୍ଣ୍ଣ?

A. ଏହା ସମୟ ନଷ୍ଟ କରେ

B. ଏହା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ✓

C. ଏହା କେବଳ ଖେଳାଳିମାନଙ୍କୁ ସାହାଯ୍ୟ କରେ

D. ଏହା କେବଳ ବୟସ୍କମାନଙ୍କ ପାଇଁ ଅଟେ

**Q72** Odia

ନିୟମିତ ବ୍ୟାୟାମର ଗୋଟିଏ ଶାରୀରିକ ଲାଭ କ'ଣ?

A. ମାଂସପେଶୀକୁ ଦୁର୍ବଳ କରେ

B. ରୋଗ ସୃଷ୍ଟି କରେ

C. ମାଂସପେଶୀକୁ ମଜବୁତ କରେ ✓

D. ଶକ୍ତି ହ୍ରାସ କରେ

Blackbook Vocabulary — Now in the App! ► Download Now on Google Play

**Q73** Odia

ବ୍ୟାୟାମ ମାନସିକ ସ୍ୱାସ୍ଥ୍ୟକୁ କିପରି ଲାଭ ଦିଏ?

- **A.** ଚିନ୍ତା ବୃଦ୍ଧି କରେ
- **B.** ଧ୍ୟାନ ହ୍ରାସ କରେ
- **C.** ଚାପକୁ ପ୍ରୋତ୍ସାହିତ କରେ
- **D.** ଚିନ୍ତା ହ୍ରାସ କରେ ଏବଂ ଧ୍ୟାନ ଉନ୍ନତ କରେ ✓

**Q74** Odia

ଛାତ୍ରମାନଙ୍କ ପାଇଁ ନିମ୍ନଲିଖିତ କେଉଁ କାର୍ଯ୍ୟକଳାପ ପରାମର୍ଶ ଦିଆଯାଇଛି?

- **A.** ଟେଲିଭିଜନ ଦେଖିବା
- **B.** ଭିଡିଓ ଗେମ୍ ଖେଳିବା
- **C.** ଚାଲିବା କିମ୍ବା ସାଇକେଲ ଚଲାଇବା ✓
- **D.** ସାରା ଦିନ ଶୋଇବା

**Q75** Odia

ନିୟମିତ ବ୍ୟାୟାମ କେଉଁ ମୂଲ୍ୟବୋଧ ବିକାଶ କରିବାରେ ସାହାଯ୍ୟ କରେ?

- **A.** ଆଳସ୍ୟ ଏବଂ ଅସାବଧାନତା
- **B.** ଶୃଙ୍ଖଳା ଏବଂ ଦୃଢ଼ତା ✓
- **C.** କ୍ରୋଧ ଏବଂ ଚାପ
- **D.** ଭୟ ଏବଂ ଦୁର୍ବଳତା

## Computer

**Q76** Computer

ଆମେରିକାନ ଷ୍ଟାଣ୍ଡାର୍ଡ କୋଡ ଫର ଇନଫର୍ମେସନ ଇଣ୍ଟରଚେଞ୍ଜ (ASCII) ର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଅଟେ?

- **A.** ଇଣ୍ଟରନେଟ ଟ୍ରାନ୍ସମିସନ ପାଇଁ ଡାଟାର ସିକ୍ୟୋର ଏନକ୍ରିପସନ ସକ୍ଷମ କରିବା
- **B.** ଟେକ୍ସଟ ଏବଂ କଣ୍ଟ୍ରୋଲ କ୍ୟାରେକ୍ଟର ପ୍ରତିନିଧିତ୍ୱ ପାଇଁ ଏକ ମାନକ କୋଡ ସେଟ ଡିଫାଇନ କରିବା ✓
- **C.** ଟେକ୍ସଟ ଆଧାରିତ ଆପ୍ଲିକେସନ ପାଇଁ ଏକ ପ୍ରୋଗ୍ରାମିଂ ଲାଙ୍ଗୁଏଜ ସୃଷ୍ଟି କରିବା
- **D.** ଅପରେଟିଂ ସିଷ୍ଟମ ପାଇଁ ଏକ ଗ୍ରାଫିକାଲ ୟୁଜର ଇଣ୍ଟରଫେସ ଡିଜାଇନ କରିବା

**Q77** Computer

ମାଇକ୍ରୋସଫ୍ଟ ୱାର୍ଡରେ ଫର୍ମାଟ ପେଣ୍ଟର ଟୁଲର କାର୍ଯ୍ୟ କ'ଣ?

- **A.** ଏହା ଟେକ୍ସଟ କଣ୍ଟେଣ୍ଟକୁ କପି ଓ ପେଷ୍ଟ କରେ
- **B.** ଏହା ସ୍ପେଲିଙ୍ଗ ଏବଂ ଗ୍ରାମାର ଯାଞ୍ଚ କରେ
- **C.** ଏହା ଡକ୍ୟୁମେଣ୍ଟ ଫର୍ମାଟିଙ୍ଗକୁ ଗୋଟିଏ ପାର୍ଟରୁ ଅନ୍ୟ ପାର୍ଟକୁ କପି କରେ ✓
- **D.** ଏହା ପେଜ ନମ୍ବର କୁ ଇନସର୍ଟ କରେ

**Q78** Computer

ମାଇକ୍ରୋସଫ୍ଟ ଏକ୍ସେଲରେ, ଫର୍ମୁଲା =SORTBY(A2:A6,B2:B6,-1,C2:C6,1), ସର୍ଟେଡ ରେଜଲ୍ଟରେ କେଉଁ ନାମ ପ୍ରଥମେ ଦେଖାଯାଏ?

ନିମ୍ନଲିଖିତ ସ୍ପ୍ରେଡସିଟକୁ ବିଚାରକୁ ନିଅନ୍ତୁ:

| | A | B |
|---|---|---|
| 1 | ନାମ | ସ୍କୋର |
| 2 | ରିୟା | 16 |
| 3 | ଅମିତ | 91 |
| 4 | ନେହା | 91 |
| 5 | ଅର୍ଜୁନ | 70 |
| 6 | ଦିୟା | 16 |

- **A.** ରିୟା
- **B.** ଅମିତ
- **C.** ନେହା ✓
- **D.** ଦିୟା

Blackbook Vocabulary — Now in the App! ► Download Now on Google Play

**Q79** Computer

ସମ୍ମାନଜନକ ଓ ନିରାପଦ ଯୋଗାଯୋଗ ସୁନିଶ୍ଚିତକରିବା ପାଇଁ GroupMe ର କମ୍ୟୁନିଟି ନିର୍ଦ୍ଦେଶାବଳୀରେ ନେଟିକେଟ (netiquette) ର କେଉଁ ନୀତି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି?

- **A.** ନିର୍ଯାତନା ଏବଂ ଦୁର୍ବ୍ୟବହାର ମୁକ୍ତ ସକାରାତ୍ମକ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ✓
- **B.** ଟୋନ କିମ୍ବା ବିଷୟ ନିର୍ବିଶେଷରେ ଅପ୍ରତିବନ୍ଧିତ ପୋଷ୍ଟଗୁଡ଼ିକୁ ଅନୁମତି ଦେବା
- **C.** ଅନ୍ୟମାନଙ୍କ ମତାମତ ତୁଳନାରେ ଜଣେ ଅଂଶଗ୍ରହଣକାରୀଙ୍କ ମତକୁ ଅଧିକ ପ୍ରାଧାନ୍ୟ ଦେବା
- **D.** ସମ୍ପ୍ରଦାୟ ଫିଚରଗୁଡ଼ିକର ଅପବ୍ୟବହାରକୁ ଅଣଦେଖା କରିବା

**Q80** Computer

ଏକ ପାୱାରପଏଣ୍ଟ ସ୍ଲାଇଡ ସୋ ପ୍ରେଜେଣ୍ଟେସନ କରିବା ସମୟରେ, ନିମ୍ନଲିଖିତ ମଧ୍ୟରୁ କେଉଁଟି ସମ୍ଭବ ଅଟେ?

- **A.** ଏଡିଟ ସ୍ଲାଇଡ ଲେ-ଆଉଟ
- **B.** ଆଡ ଏନିମେସନ
- **C.** ଲେଜର ପଏଣ୍ଟର କିମ୍ବା ପେନ ଟୁଲ ବ୍ୟବହାର କରନ୍ତୁ ✓
- **D.** ସ୍ଲାଇଡ ମାଷ୍ଟର ଚେଞ୍ଜ କରନ୍ତୁ

**Q81** Computer

LibreOffice ର ସ୍ପ୍ରେଡସିଟ ଟୁଲ Calc ନିମ୍ନଲିଖିତ କେଉଁ କ୍ୟାଟେଗୋରୀ ଅନ୍ତର୍ଗତ?

- **A.** ଜେନେରାଲ ପର୍ପୋଜ ସଫ୍ଟୱେୟାର ✓
- **B.** କଷ୍ଟମାଇଜଡ ସଫ୍ଟୱେୟାର
- **C.** ଅପରେଟିଂ ସିଷ୍ଟମ
- **D.** ଡିଭାଇସ ଡ୍ରାଇଭର

**Q82** Computer

ନିମ୍ନଲିଖିତ କେଉଁଟି ପ୍ରାଥମିକ ମେମୋରୀର ଏକ ଉଦାହରଣ ଅଟେ?

- **A.** ହାର୍ଡ ଡିସ୍କ
- **B.** RAM ✓
- **C.** ପେନ ଡ୍ରାଇଭ
- **D.** CD-ROM

**Q83** Computer

ମେମୋରୀର 1 ଟି ନିବଲରେ କେତୋଟି ବିଟ ଥାଏ?

- **A.** 2 ବିଟ
- **B.** 4 ବିଟ ✓
- **C.** 6 ବିଟ
- **D.** 8 ବିଟ

**Q84** Computer

MS ପାୱାରପଏଣ୍ଟରେ ଜଣେ ଉପସ୍ଥାପକ (presenter) କିପରି ଲୁପିଙ୍ଗ ସ୍ଲାଇଡଗୁଡ଼ିକୁ ଏନାବୁଲ କରିପାରିବେ?

- **A.** ନର୍ମାଲ ଭିୟୁ ବ୍ୟବହାର କରି
- **B.** ସ୍ଲାଇଡ ଟ୍ରାଞ୍ଜିସନ ସ୍ପିଡକୁ ହ୍ରାସ କରି
- **C.** ପ୍ରିଣ୍ଟ ଲେଆଉଟ ଅପସନ ବ୍ୟବହାର କରି
- **D.** ସ୍ଲାଇଡ ସୋ ଟ୍ୟାବ ରେ 'ଲୁପ କଣ୍ଟିନ୍ୟୁୟସ ଅଣ୍ଟିଲ Esc' ସେଟ ଅପ କରି ✓

**Q85** Computer

ମାଇକ୍ରୋସଫ୍ଟ ୱାର୍ଡରେ ଏକ ନୂଆ ଡକ୍ୟୁମେଣ୍ଟ ଆରମ୍ଭ କରିବା ସମୟରେ ଆପେ ଆପେ ଆପ୍ଲାଏ ହୋଇଥିବା ଡିଫଲ୍ଟ ପେଜ ଓରିଏଣ୍ଟେସନ କନଫିଗୁରେସନଟିକୁ ଚିହ୍ନଟ କର ।

- **A.** Landscape
- **B.** Horizontal
- **C.** Portrait ✓
- **D.** Vertical

**Q86** Computer

MS ଏକ୍ସେଲରେ ରିବନର କେଉଁ ଟ୍ୟାବରେ Insert and Delete ଅପ୍ସନ ରହିଛି?

- **A.** File
- **B.** Review
- **C.** Home ✓
- **D.** Data

**Q87** Computer

ଇମେଲ ସେବା ବ୍ୟବହାର ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ଆବଶ୍ୟକ?

- **A.** ଟେଲିଭିଜନ ସବସ୍କ୍ରିପସନ
- **B.** ଏକ ସର୍ଭିସ ପ୍ରୋଭାଇଡରଙ୍କ ସହିତ ରେଜିଷ୍ଟରଡ ଇମେଲ ଆକାଉଣ୍ଟ ✓
- **C.** ଏକ ଲ୍ୟାଣ୍ଡଲାଇନ ଟେଲିଫୋନ କନେକ୍ସନ
- **D.** ଏକ ସୋସିଆଲ ମିଡିଆ ପ୍ରୋଫାଇଲ

**Q88** Computer

MS ଏକ୍ସେଲ 2010 ରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଭାଲିଡ ସେଲ୍ ଆଡ୍ରେସକୁ ରିପ୍ରେଜେଣ୍ଟ କରେ?

- **A.** E$1
- **B.** 1E
- **C.** E1 ✓
- **D.** EF#1

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q89** Computer

ମାଇକ୍ରୋସଫ୍ଟ ପାୱାରପଏଣ୍ଟରେ ଏକ ପିକ୍ଚର ଇନସର୍ଟ କରିବା ପାଇଁ ଆପଣ ପ୍ରଥମେ କ'ଣ କରିବେ?

A. ସ୍ଲାଇଡ ଶୋ ମୋଡ ଷ୍ଟାର୍ଟ କରିବେ

B. ଆପଣ ପିକ୍ଚର ଇନସର୍ଟ କରିବାକୁ ଚାହୁଁଥିବା ସ୍ଥାନରେ ସ୍ଲାଇଡ ଉପରେ ପ୍ଲେସ ସିଲେକ୍ଟ କରିବେ ✓

C. Design ଟ୍ୟାବ ଉପରେ କ୍ଲିକ କରିବେ

D. ସମସ୍ତ ଟେକ୍ସଟ ଡିଲିଟ କରିବେ

**Q90** Computer

ଯଦି ଆପଣ MS ୱାର୍ଡରେ ପୂର୍ବରୁ ସେଭ କରିଥିବା ଫାଇଲ ଉପରେ କାମ ଜାରି ରଖିବାକୁ ଚାହାଁନ୍ତି, ତେବେ ଏହାକୁ ଆକ୍ସେସ କରିବା ପାଇଁ ଆପଣ କେଉଁ ଅପ୍ସନ ବ୍ୟବହାର କରିବେ?

A. Save

B. Open ✓

C. New

D. Print

## Reasoning

**Q91** Reasoning

A C ଙ୍କ ବାପା ଅଟନ୍ତି । B D ଙ୍କ ମାଆ ଅଟନ୍ତି । E C ଙ୍କ ଝିଅ ଅଟନ୍ତି । D C ଙ୍କ ସ୍ୱାମୀ ଅଟନ୍ତି । A ସମ୍ପର୍କରେ B ଙ୍କର କ'ଣ ହେବେ?

A. ପୁଅର ସ୍ତ୍ରୀର ବାପା ✓

B. ପୁଅର ଝିଅ

C. ପୁଅର ସ୍ତ୍ରୀ

D. ପୁଅର ସ୍ତ୍ରୀର ଭାଇ

**Q92** Reasoning

ସାତ ଜଣ ବ୍ୟକ୍ତି A, Z, C, Y, E, X ଏବଂ G,ଏକ ସଳଖ ଧାଡିରେ ଉତ୍ତର ଦିଗକୁ ମୁହଁ କରି ବସିଛନ୍ତି । E ଧାଡିର କୌଣସି ଏକ ପ୍ରାନ୍ତରେ ବସିଛନ୍ତି । E ଙ୍କ ଡାହାଣ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ C ବସିଛନ୍ତି । A ଓ C ଙ୍କ ମଧ୍ୟରେ କେବଳ Z ବସିଛନ୍ତି । G ଓ A କୌଣସି ପ୍ରାନ୍ତରେ ବସିନାହାଁନ୍ତି । X ଙ୍କ ଠିକ ବାମ ପାର୍ଶ୍ୱରେ Y ବସିଛନ୍ତି । ବାମ ପ୍ରାନ୍ତରୁ ଦ୍ୱିତୀୟ ସ୍ଥାନରେ କିଏ ବସିଛନ୍ତି?

A. Z

B. C

C. Y

D. G ✓

**Q93** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ଏକ ନିର୍ଦ୍ଦିଷ୍ଟ ଉପାୟରେ QZRX ସହିତ VENT ସମ୍ପର୍କିତ । ସମାନ ଭାବରେ, GPZF ସହିତ LUVB ସମ୍ପର୍କିତ । ସମାନ ତର୍କ ଅନୁସରଣ କରି, ନିମ୍ନଲିଖିତ ମଧ୍ୟରୁ କାହା ସହିତ BKDJ ସମ୍ପର୍କିତ?

A. WFHN ✓

B. VEGO

C. XGHM

D. VFIN

**Q94** Reasoning

ଯଦି + ର ଅର୍ଥ −, − ର ଅର୍ଥ ×, × ର ଅର୍ଥ ÷, ଏବଂ ÷ ର ଅର୍ଥ + ହୁଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ଆସିବ?

39 - 2 ÷ 15 + 12 x 3 = ?

A. 78

B. 66

C. 54

D. 89 ✓

Blackbook Vocabulary — Now in the App! ► Download Now on Google Play

**Q95** Reasoning

J, K, L, Q, R, S ଓ T ଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ସପ୍ତାହର ଏକ ଭିନ୍ନ ଦିନରେ ମ୍ୟାଚ ଅଛି, ଯାହା ସୋମବାର ଠାରୁ ଆରମ୍ଭ ହୋଇ ସେହି ସପ୍ତାହର ରବିବାର ଶେଷ ହୁଏ । K ଓ R ମଧ୍ୟରେ କେବଳ ତିନିଜଣଙ୍କର ମ୍ୟାଚ ଅଛି । R ପରେ କେବଳ J ର ମ୍ୟାଚ ଅଛି । Q ଓ J ମଧ୍ୟରେ କେବଳ ତିନି ଜଣଙ୍କର ମ୍ୟାଚ ଅଛି । L ପୂର୍ବରୁ ଏବଂ T ପରେ କୌଣସି ଏକ ଦିନ S ର ମ୍ୟାଚ ଅଛି । J ପରେ K ମଧ୍ୟରେ କେତେ ଲୋକଙ୍କ ମ୍ୟାଚ ଅଛି?

A. ଏକ

B. ଦୁଇ

C. ତିନି

D. ଚାରି ✓

**Q96** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ 'FIRM' କୁ '4395 'ଭାବରେ ଏବଂ 'RIMS' କୁ '9537' ଭାବରେ କୋଡ କରାଯାଇଛି । ପ୍ରଦତ୍ତ କୋଡ ଭାଷାରେ 'S' ପାଇଁ କୋଡ କ'ଣ ହେବ?

A. 9

B. 5

C. 3

D. 7 ✓

**Q97** Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଅକ୍ଷର ସଂଖ୍ୟା-ପୁଞ୍ଜଗୁଡିକ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?
MFV 1 OHS -2 QJP 4 SLM -8 ?

A. MJU 12

B. HJY 23

C. UNJ 16 ✓

D. MNJ 12

**Q98** Reasoning

ନିମ୍ନଲିଖିତ ସୂଚନାକୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ ଏବଂ ଅନୁସୃତ ପ୍ରଶ୍ନର ଉତ୍ତର ଦିଅନ୍ତୁ । ବିବୃତିଗୁଡ଼ିକରେ ପ୍ରତ୍ୟେକ ଜିନିଷକୁ ତୁମକୁ ସତ୍ୟ ଭାବରେ ବିବେଚନା କରିବାକୁ ପଡିବ ଏବଂ ତର୍କସିଦ୍ଧ ଭାବରେ ଅନୁସୃତ ନିଷ୍କର୍ଷଟି/ଗୁଡ଼ିକ ନିର୍ଣ୍ଣୟ କରିବାକୁ ପଡିବ ।
ବିବୃତ୍ତି: ସମସ୍ତ ନାଟକ ହାସ୍ୟରସ ଅଟେ । ସମସ୍ତ ହାସ୍ୟରସ ଦୁଃଖଦ ଅଟେ ।
ନିଷ୍କର୍ଷ I: ସମସ୍ତ ଦୁଃଖଦ ନାଟକ ଅଟେ ।
ନିଷ୍କର୍ଷ II: କିଛି ଦୁଃଖଦ ନାଟକ ନାଟକ ଅଟେ ।

A. କେବଳ ନିଷ୍କର୍ଷ (I) ଅନୁସରଣ କରେ

B. କେବଳ ନିଷ୍କର୍ଷ (II) ଅନୁସରଣ କରେ ✓

C. ନିଷ୍କର୍ଷ (I) କିମ୍ବା (II) କୌଣସିଟି ଅନୁସରଣ କରେ ନାହିଁ

D. ଉଭୟ ନିଷ୍କର୍ଷ (I) ଏବଂ (II) ଅନୁସରଣ କରନ୍ତି

**Q99** Reasoning

ନିମ୍ନଲିଖିତ ଚାରିଟି ମଧ୍ୟରୁ ତିନୋଟି ଦିଆଯାଇଥିବା ବ୍ୟବସ୍ଥା ଆଧାରରେ ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି, ତେଣୁ ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?
(ଟିପ୍ପଣୀ: ଅଲଗା ଶବ୍ଦଟି ସ୍ୱରବର୍ଣ୍ଣ/ବ୍ୟଞ୍ଜନ ବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜର ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ ।)

A. ECF ✓

B. NKO

C. BYC

D. VSW

**Q100** Reasoning

ଶବ୍ଦ DERVISHରେ ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତିତ କରିଦିଆଯାଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣକୁ, ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ବଦଳାଇଦିଆଯାଏ । ଏହିପରି ଭାବେ ଗଠିତ ଅକ୍ଷର ସମୂହରେ କେତୋଟି ଅକ୍ଷର ଠିକ ଦୁଇଥର ରହିବ?

A. 0 ✓

B. 1

C. 2

D. 3

Blackbook Vocabulary — Now in the App! ▶ Download Now on Google Play